ଶ୍ରୀ ଶିକ୍ଷାଷ୍ଟକଂ

Sri Sikhyastakam



ଶ୍ରୀ ଶ୍ରୀ ଶିକ୍ଷାଷ୍ଟକଂ

(୧)

ଚେତୋ-ଦର୍ପଣ-ମାର୍ଜ୍ଜନଂ ଭବ-ମହା-ଦାବାଗ୍ନି-ନିର୍ବାପଣଂ

ଶ୍ରେୟଃ-କୈରବ-ଚନ୍ଦ୍ରିକା-ବିତରଣଂ ବିଦ୍ୟା-ବଧୂ-ଜୀବନମ୍

ଆନନ୍ଦାମ୍ବୁଧି-ବର୍ଧନଂ ପ୍ରତି-ପଦଂ ପୂର୍ଣ୍ଣାମୃତାସ୍ବାଦନଂ

ସର୍ବାତ୍ମ-ସ୍ନପନଂ ପରଂ ବିଜୟତେ ଶ୍ରୀ-କୃଷ୍ଣ-ସଙ୍କୀର୍ତ୍ତନମ୍

(୨)

ନାମ୍ନାମକାରି ବହୁଧା ନିଜ-ସର୍ବ-ଶକ୍ତିସ୍

ତତ୍ରାର୍ପିତା ନିୟମିତଃ ସ୍ମରଣେ ନ କାଲଃ

ଏତାଦୃଶୀ ତବ କୃପା ଭଗବନ୍ ମମାପି

ଦୁର୍ଦ୍ଦୈବମ୍ ଈଦୃଶମ୍ ଇହାଜନି ନାନୁରାଗଃ

(୩)

ତୃଣାଦ୍ ଅପି ସୁନୀଚେନ

ତରୋରି ଅପି ସହିଷ୍ଣୁନା

ଅମାନିନା ମାନଦେନ

କୀର୍ତ୍ତନୀୟଃ ସଦା ହରିଃ

(୪)

ନ ଧନଂ ନ ଜନଂ ନ ସୁନ୍ଦରୀଂ

କବିତାଂ ବା ଜଗଦ-ଈଶ କାମୟେ

ମମ ଜନ୍ମନି ଜନ୍ମନୀଶ୍ବରେ

ଭବତାଦ୍ ଭକ୍ତିର୍ ଅହୈତୁକୀ ତ୍ୱୟି

(୫)

ଅୟି ନନ୍ଦ-ତନୁଜ କିଙ୍କରଂ

ପତିତଂ ମାଂ ବିଷମେ ଭବାମ୍ବୁଧୌ

କୃପୟା ତବ ପାଦ-ପଙ୍କଜ-

ସ୍ଥିତ-ଧୂଲୀ-ସଦୃଶଂ ବିଚିନ୍ତୟ

(୬)

ନୟନଂ ଗଲଦ-ଅଶ୍ରୁ-ଧାରୟା

ବଦନଂ ଗଦ୍ ଗଦ-ରୁଦ୍ଧୟା ଗିରା

ପୁଲକୈର୍ ନିଚିତଂ ବପୁଃ କଦା

ତବ ନାମ-ଗ୍ରହଣେ ଭବିଷ୍ୟତି

(୭)

ୟୁଗାୟିତଂ ନିମେଷେଣ

ଚକ୍ଷୁଷା ପ୍ରାବୃଷାୟିତମ୍

ଶୂନ୍ୟାୟିତଂ ଜଗତ୍ ସର୍ବଂ

ଗୋବିନ୍ଦ-ବିରହେଣ ମେ

(୮)

ଆଶ୍ଲିଷ୍ୟ ବା ପାଦ-ରତାଂ ପିନଷ୍ଟୁ ମାମ୍

ଅଦର୍ଶନାନ୍ ମର୍ମ-ହତାଂ କରୋତୁ ବା

ୟଥା ତଥା ବା ବିଦଧାତୁ ଲମ୍ପଟୋ

ମତ୍-ପ୍ରାଣ-ନାଥସ୍ ତୁ ସ ଏବ ନାପରଃ

ଅନୁବାଦ:

(୧)

ଚିତ୍ତରୂପ ଦର୍ପଣର ମାର୍ଜନକାରୀ , ଭବରୂପ ମହାଦାବାଗ୍ନି ନିର୍ବାପନକାରୀ , ଜୀବଙ୍କର ମଙ୍ଗଳ ରୂପ କୈରବଚନ୍ଦ୍ରିକା ବିତରଣକାରୀ, ବିଦ୍ୟାବଧୂର ଜୀବନ ସ୍ୱରୂପ,ଆନନ୍ଦ-ସମୁଦ୍ରର ବର୍ଦ୍ଧନକାରୀ,ପଦେ ପଦେ ପୂର୍ଣାମୃତ ସ୍ୱାଦନ ସ୍ୱରୂପ ଏବଂ ସର୍ବସ୍ୱରୂପର ଶୀତଳକାରି ଶ୍ରୀକୃଷ୍ଣ ସଂଙ୍କୀର୍ତ୍ତନ ବିଶେଷ ରୂପେ ଜୟଯୁକ୍ତ ହେଉ ।

(୨)

ହେ ଭଗବାନ! ଆପଣଙ୍କ ନାମ ହିଁ ଜୀବର ସର୍ବ ମଙ୍ଗଳ ବିଧାନ କେରା।ଏଇଥିପାଇଁ ଆପଣ ' କୃଷ୍ଣ ', ' ଗୋବିନ୍ଦାଦି ବହୁବିଧ ନାମ ବି ସ୍ତାର କରିଛନ୍ତି।ସେହି ନାମେର ଆପଣ ଆପଣଙ୍କର ସର୍ବଶକ୍ତି ଅର୍ପଣ କରିଛନ୍ତି ଏବଂ ସେଇ ନାମ ସ୍ମରଣେର କାଳାଦି କଠିନ ବିଧି ନିୟମ ନାହିଁ ।ହେ ପ୍ରଭୁ ! ଏଇ ଭାବେ କୃପା କରି ଜୀବଙ୍କପାଇଁ ଆପଣ ଆପଣଙ୍କର ନାମକୁ ସୁଲଭ କରିଛନ୍ତି,ତଥାପି ମୋର ନାମ ଅପରଧାରୂପ ଦୁର୍ଦୈବ ଏତେ ପ୍ରବଳ ଯେ ଆପଣଙ୍କର ସୁଲଭ ନାମେର ମୋର ଅନୁରାଗ ଜନ୍ମୁ ନାହିଁ ।

(୩)

ଯିଏ ନିଜକୁ ତୃଣ ଠାରୁ ଅଧିକ କ୍ଷୁଦ୍ର ଜ୍ଞାନ କରନ୍ତି,ଯିଏ ପୁଣି ବୃକ୍ଷଠାରୁ ଅଧିକ ସହିଷ୍ଣୁ ହୁଅନ୍ତି, ନିଜେ ମାନଶୂନ୍ୟ ହୋଇ ଅପର ଲୋକଙ୍କୁ ସମ୍ମାନ ପ୍ରଦାନ କରନ୍ତି,ସେହି ବ୍ୟକ୍ତି ହିଁ ସର୍ବଦା ହରିକୀର୍ତ୍ତନର ଅଧିକାରୀ ।

(୪)

ହେ ଜଗଦୀଶ ! ମୁଁ ଧନ, ଜନ ବା ସୁନ୍ଦରୀ ରମଣୀ କାମନା କେରନାହିଁ ; ମୁଁ କେବଳ ଏଇ କାମନା କେର ଯେ, ଜନ୍ମ-ଜନ୍ମ କେବଳ ଆପଣଙ୍କର ପାଦପଦ୍ମରେ ଅହୈତୁକି ଭକ୍ତି ହେଉ ।

(୫)

ହେ ନନ୍ଦନନ୍ଦନ (କୃଷ୍ଣ) ! ମୁଁ ଆପଣଙ୍କର ନିତ୍ୟ କିଙ୍କର (ଦାସ), କିନ୍ତୁ କୌଣସି କାରଣ ବଶତଃ ଜନ୍ମ-ମୃତ୍ୟୁର (ଭବ) ସାଗରେର ପତିତ ହୋଇଅଛି ।ଆପଣ କୃପାକରି ମୋତେ ଆପଣଙ୍କର ପାଦପଦ୍ମସ୍ଥିତ ଧୂଳି ସଦୃଶ ଚିନ୍ତା କରନ୍ତୁ ।

(୬)

ହେ ନାଥ! ଆପଣଙ୍କ ନାମ ଗ୍ରହଣ କରି କେବେ ମୋର ନୟନ-ଯୁଗଳରେ ଅନବରତ ପ୍ରେମାଶ୍ରୁ ନିର୍ଗତ ହେବ ? ଆପଣଙ୍କର ନାମ କୀର୍ତ୍ତନରେ କେବେ ମୋର ସ୍ୱର ଗଦଗଦ ହେଇ ଉଠିବ ଏବଂ ଶରୀରରେ ରୋମାଞ୍ଚ ଜାତୋହବ ।

(୭)

ହେ ଗୋବିନ୍ଦ ! ଆପଣଙ୍କର ବିରହରେ ମୋଟିଏ ମୁହୂର୍ତ୍ତ ମୋତେ ଯୁଗସମ ପ୍ରତୀତ ହେଉଅଛି।ବର୍ଷାଧାରା ପରି ଚକ୍ଷୁରୁ ଲୋତକ ବର୍ଷା ହେଉଛି ଏବଂ ଆପଣଙ୍କର ବିରହରେ ମୋତେ ସମଗ୍ର ଜଗତ ଶୂନ୍ୟବୋଧ ହେଉଅଛି ।

(୮)

କୃଷ୍ଣ ବ୍ୟତୀତ ଆଉ କାହାରିକୁ ମୁଁ ମୋର ପ୍ରାଣନାଥ ବୋଲି ଜୋଣନାହିଁ ଏବଂ ସେ ମୋତ ଆଲିଙ୍ଗନ କରନ୍ତୁ କିମ୍ବା ପାଦରେ ଦଳି ଚକଟି ଦେଲେ ସୁଦ୍ଧା କିମ୍ବ ମୋତେ ଦର୍ଶନ ନଦେଇ ମର୍ମାହତ କରିଲେ ସୁଦ୍ଧା ସେ ବରାବର ମୋର ପ୍ରାଣପ୍ରିୟ ପ୍ରଭୁହୋଇ ରହିବେ।ସେ ଯେପରି ଇଚ୍ଛା ସେପରି କରିପାରନ୍ତି, ଏଥିରେ ତାଙ୍କର ପୂର୍ଣ୍ଣ ଅଧିକାର ଅଛି, କାରଣ ସେ ହିଁ ଅହୈତୁକୀ ଭାବେ ବରାବର ମୋର ପୂଜ୍ୟ ପ୍ରଭୁ ଅଟନ୍ତି।ଅନ୍ୟ କେହି ନୁହନ୍ତି ।

ଦଶବିଧ ନାମ ଅପରାଧ

୧.ଭଗବାନଙ୍କର ପବିତ୍ର ନାମ ପ୍ରଚାରରେ ଜୀବନ ଉତ୍ସର୍ଗ କରିଥିବା ଭକ୍ତମାନଙ୍କର ନିନ୍ଦା କରିବା । ତଥା ସାଧୁମାନଙ୍କର ନିନ୍ଦା କରିବା ।

୨. ଶିବ କିମ୍ବା ବ୍ରହ୍ମାଙ୍କ ଭଳି ଦେବତାମାନଙ୍କ ନାମକୁ ଭଗବାନ ବିଷ୍ଣୁଙ୍କ ନାମ ସହିତସମାନ ବା ତାହାଠାରୁ ସ୍ୱତନ୍ତ୍ର ବୋଲି ବିଚାର କରିବା ।

୩. ଆଧ୍ୟାତ୍ମିକ ଗୁରୁଦେବଙ୍କ ଆଦେଶ ଅମାନ୍ୟ କରିବା ।

୪. ବୈଦିକ ଶାସ୍ତ୍ର ବା ବେଦ ପ୍ରମାଣ - ସମର୍ଥକ ଶାସ୍ତ୍ରର ନିନ୍ଦା କରିବା।

୫. ହରେକୃଷ୍ଣ ନାମ ଜପର ମହିମାକୁ କାଳ୍ପନିକ ବୋଲି ମନେକରିବା।

୬.ଭଗବାନଙ୍କ ପବିତ୍ର ନାମର ଅର୍ଥ ଅର୍ଥାନ୍ତର କରିବା ।

୭.ଭଗବାନଙ୍କ ପବିତ୍ର ନାମ ବଳରେ ପାପପୂର୍ଣ୍ଣ କାର୍ଯ୍ୟ କରିବା ।

୮. ହରେକୃଷ୍ଣ ନାମ ଜପକୁ ବୈଦିକ କର୍ମକାଣ୍ଡରେ ବର୍ଣ୍ଣିତ ପୂଣ୍ୟ କର୍ମ ସହିତ ସମାନ ବୋଲି ବିଚାର କରିବା।

୯. ଅଶ୍ରଦ୍ଧାଳୁ ଲୋକଙ୍କୁ ପବିତ୍ର ନାମର ମହିମା ଶିକ୍ଷା ଦେବା ।

୧୦. ପବିତ୍ର ନାମ ଜପ ଉପରେ ପୂର୍ଣ୍ଣ ଭରସା ନରଖିବା ଏବଂ ଏ ବିଷୟରେ ଅଗାଧ ମହିମା ଶୁଣିବା ପରେ ମଧ୍ୟ ଭୌତିକ ଆସକ୍ତି ପୂର୍ବବତ୍ ଅକ୍ଷୁର୍ଣ୍ଣ ରଖିବା । ମନଯୋଗ ସହକାରେ ଜପ ନକରିବା ।ପ୍ରତ୍ୟେକ ବୈଷ୍ଣବ ଭକ୍ତଙ୍କର କର୍ତ୍ତବ୍ୟ ହେଉଛି ଇପ୍ସିତ ସିଦ୍ଧିଲାଭ କରିବା ପାଇଁ ଏଇସବୁ ଅପରାଧରୁ ମୁକ୍ତହେବା । ବୈଷ୍ଣବ ମାନେ ବାଞ୍ଛା କଳ୍ପତରୁ ସଦୃଶ । ଦୈନନ୍ଦିନ ଜୀବନରେ ଜ୍ଞାତ ବା ଅଜ୍ଞାତ ସାରରେ ଯଦି କୌଣସି ସାଧୁ, ଗୁରୁ ଓ ବୈଷ୍ଣବଙ୍କ ନିକଟରେ ଅପରାଧ ହେଉଥାଏ ତେବେ ପ୍ରାତଃ ମୁହୂର୍ତ୍ତରେ କ୍ଷମା ପ୍ରାର୍ଥନା ମାଗିନେବା ଉଚିତ୍ ।

ବୈଷ୍ଣବ ପ୍ରଣାମ:

ବାଞ୍ଛାକଳ୍ପତରୁଭ୍ୟଶ୍ଚ କୃପାସିନ୍ଧୁଭ୍ୟ ଏବ ଚ ।
ପତିତାନାଂ ପାବନେଭ୍ୟୋ ବୈଷ୍ଣବେଭ୍ୟୋ ନମୋ ନମଃ ॥